# Akashvani, Sambalpur

# SAMBALPURI NEWS BULLETIN

## 15 February 2025- 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ- ଯୋରନ୍ଦା          ଆର୍‌ଏନ୍‌ୟୁ/

ଶାନ୍ତି, ପ୍ରଗତିର୍ ସହେତେ ଜଗତ୍ କଲ୍ୟାଣ୍ ଲାଗି ଭୀମଭୋଇଙ୍କର୍ ବାର୍ତାର ଖୋବ୍ ମହତ୍ୱ ରହିଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଗଲାକାଏଲ୍ ମୁଖ୍ୟମନ୍ତ୍ରୀ ଢେଙ୍କାନାଲ୍ ଯୋରନ୍ଦା ମହିମାପୀଠ ପରିଦର୍ଶନ୍‌ଥି ଯାଇକରି ମହିମାପୀଠର୍ ବିକାଶ୍ ଲାଗି ଭବ୍ୟ ମନ୍ଦିର୍ ନିର୍ମାଣ୍ ସହେତେ ଇତାକେ ବିଶ୍ୱସ୍ତରୀୟ କ୍ଷେତ୍ରଥି ପରିଣତ୍ କରାଯିବା ବଲି କହିଛନ୍ । ଇଥିର୍‌ଲାଗି ନୂଆଁ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ୍ କର୍‌ବାର୍‌କେ ଜିଲ୍ଲାପାଲ୍‌ଙ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ବିଧାନ୍‌ସଭା ଗଣଶିକ୍ଷା ମନ୍ତ୍ରୀ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଫି’ ଗ୍ରାମ୍‌ପଂଚାୟତ୍ ନ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ୍ ବିଦ୍ୟାଳୟ ଖୁଲ୍‌ବା ଆଉ ଇଥିର୍‌ଲାଗି ରାଜ୍ୟ ସର୍‌କାର୍ ୧୧ ହଜାର୍ ୯ ଶହ ୩୯ କୋଟି ୪୧ ଲାଖ୍ ଟଙ୍କା ବ୍ୟୟବରାଦ୍ ରଖିଛନ୍ ବଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଧାନ୍‌ସଭା ନ କହିଛନ୍ । ମନ୍ତ୍ରୀ କହିଛନ୍ ଯେ, ଆଏବା ୫ ବଛର୍ ଭିତ୍‌ରେ ସବୁ ପଂଚାୟତ୍ ନ ୬ ହଜାର୍ ୭ ଶହ ୯୪ ଟା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଥାପ୍‌ନା କରାଯିବା ।

ଶିଳ୍ପକେନ୍ଦ୍ର ବନ୍ଦ୍-ଶିଳ୍ପମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ୭ ଟା ବଡ଼ ଶିଳ୍ପକେନ୍ଦ୍ର ବନ୍ଦ୍ ହେଇଛେ ବଲି ଶିଳ୍ପମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ଗଲାକାଏଲ୍ ବିଧାନ୍‌ସଭା ନ ଗୁଟେ ପ୍ରଶ୍ନର୍ ଉତର୍‌ଥି କହିଛନ୍ । ଇ ଶିଲ୍ପକେନ୍ଦ୍ର ମାନ୍ ଝାର୍‌ସୁଗୁଡ଼ା, କେନ୍ଦୁଝର୍, ଅନୁଗୁଲ୍, ଢେଙ୍କାନାଲ୍ ଆର୍ କଟକ୍ ନ ଥିଲା ।

ଦକ୍ଷତା କର୍ମଶାଳା I&PR

ଭୁବ୍‌ନେଶ୍ୱର୍ ଠାନେ ହେଇଥିବା ରାଜ୍ୟସ୍ତରୀୟ ବିକଶିତ୍ ପଂଚାୟତ୍ ଲାଗି ଦକ୍ଷତା ବିକାଶ୍ କର୍ମଶାଳାକେ ଗ୍ରାମ୍ୟ ଉନ୍ନୟନ୍

ଆର୍ ପଂଚାୟତିରାଜ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ ଗଲାକାଏଲ୍ ଉଦ୍‌ଘାଟନ୍ କରିଛନ୍ । ମିଶନ୍ କର୍ମଯୋଗୀଥି ଦକ୍ଷତା ବିକାଶ୍‌କେ ଜୋର୍ ଦିଆଯାଉଛେ ଆର୍ ଇଥି ଓଡ଼ିଶାର୍ ଭିନ୍ ଭିନ୍ ଗ୍ରାମ୍‌ପଂଚାୟତ୍ ନ ଦକ୍ଷତା ବିକାଶ୍ କର୍ମଶାଳାମାନ୍ ଆୟୋଜନ୍ କରାଯାଉଛେ ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ସିବିଏସ୍‌ଇ ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ୍-ସିବିଏସ୍‌ଇ ଦ୍ୱାରା ପରିଚାଲିତ୍ ୧୦ ଆର୍ ୧୨ କ୍ଲାସ୍ ଥିଓରି ପରୀକ୍ଷା ଆଏଜ୍‌ଠାନୁ ମୁଳ୍ ହେଉଛେ । ଦୁହି ଶ୍ରେଣୀର୍ ପରୀକ୍ଷା ସଖାଲର୍ ସାଢ଼େ ୧୦ ବଜେ ମୁଳ୍ ହେବା । ୧୦ କ୍ଲାସ୍ ପରୀକ୍ଷା ଆଏବା ମାର୍ଚ୍ଚ ୧୮ ତାରିଖ୍‌ତକ୍ ହେବାର୍‌କେ ଥିବାର୍ ବେଲେ ୧୨ କ୍ଲାସ୍ ପରୀକ୍ଷା ଏପ୍ରିଲ୍ ୪ ତାରିଖ୍‌ତକ୍ ହେବା ।

ଅଜଣା ବେଲୁନ- ଛୁଆ ଆହତ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଛତିଶ୍‌ଗଡ଼୍ ସୀମ୍‌ନା ନ ଥିବା ଗୁଟେ ଗାଁ ନ ଆକାଶ୍‌ନୁ ଆସୁଥିବା ଅଜଣା ବେଲୁନ ଗୁଛା ଫାଟିକରି ୫ ଝନ୍

ଛୁଆ ଆହତ୍ ହେଇଛନ୍ । ବେଲୁନ୍ ଭିତ୍‌ରେ ବିଷାକ୍ତ ଗେସ୍ ଥିଲା ଆର୍ ଇଟା ଫାଟ୍‌ବାର୍‌ନୁ ଅଘଟନ୍ ଘଟିଥିଲା । ଆହତ୍ ଛୁଆମାନ୍‌କୁ ନୂଆପଡ଼ା ଜିଲ୍ଲା ମୁଖ୍ୟ ଡାକ୍ତର୍‌ଖାନା ନ ଭର୍ତି କରାଯାଇଛେ ।

କଏଦୀ- ପାଠ୍‌ପଢ଼ା ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲା କାରାଗାର୍‌ର ୨୭ ଝନ୍ କଏଦୀ ପାଠ୍‌ପଢ଼ିକରି ଉତୀର୍ଣ୍ଣ ହେଇଛନ୍ । ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ୍‌ନୁ ଭିନ୍ ଭିନ୍ ପାଠ୍ୟକ୍ରମ୍‌ଥି ସେମାନେ ଇ ସଫଲତା ପାଇଛନ୍ । ଇତାର୍‌ଛଡ଼ା ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟର୍ ସ୍ନାତକୋତର୍ ଶ୍ରେଣୀଥି ଭିଲ୍ ୧୩ ଝନ୍ ପଞ୍ଜିକୃତ ହେଇଛନ୍ ।

ମହାକୁମ୍ଭ ଆର୍‌ଏନ୍‌ୟୁ/ସମ୍ବଲ୍‌ପୁର୍

ଉତର୍‌ପ୍ରଦେଶ୍‌ର ପ୍ରୟାଗ୍‌ରାଜ୍‌ଠାନେ ଚାଲିଥିବା ମହାକୁମ୍ଭ ନ ୫୦ କୋଟିନୁ ଅଏତ୍‌କା ଶ୍ରଦ୍ଧାଳୁ ସିଧାସଲଖ୍ ଭାଗ୍ ନେଇକରି ଇତିହାସ୍ ସୃଷ୍ଟି ହେଇଛେ । ଇହାଦେତକ୍ ୫୦ କୋଟି ୪ ଲାଖ୍ ନୁ

ଅଏତ୍କା ଭକ୍ତ ତ୍ରିବେଣୀ ସଂଗମ୍ ନ ପବିତ୍ର ବୁଡ଼୍ ପକେଇ ସାଏଲେନ ।

ରାଜସ୍ୱ ଗାଁର୍ ମାନ୍ୟତା          ଆର୍ଏନ୍ୟୁ/ ସମ୍ବଲପୁର୍

ଝାର୍ସୁଗୁଡ଼ା ଜିଲ୍ଲାର୍ ୫୨ ଟା ପଡ଼ା ଗାଁକେ ରାଜସ୍ୱ ଗାଁର୍ ମାନ୍ୟତା ଦେବାର୍ ଲାଗି ଜିଲ୍ଲା ପ୍ରଶାସନ୍ ତର୍ଫୁ କରାଯାଇଥିବା ସୁପାରିଶ୍କେ ରାଜ୍ୟ ସର୍କାର୍ ଅନୁମୋଦନ୍ କରିଛନ୍ । ନୂଆଁ ରାଜସ୍ୱ ଗାଁ ବନାବାର୍ ଲାଗି ଜିଲ୍ଲାଥି ମୋଟ୍ ଶହେ ୩୮ ଟା ପଡ଼ା ଗାଁକେ ଚିହ୍ନଟ୍ କରାଯାଇଥିଲା । ଯେନ୍ଥିର୍ଭିତ୍ରୁ ଇହାଦେ ୫୨ ଟା ଗାଁକେ ରାଜସ୍ୱ ଗାଁ ଭାବେ ମାନ୍ୟତା ମିଲିଛେ । ରାଜସ୍ୱ ଗାଁ ଲାଗି ଯୋଗ୍ୟତା ଥିବା ସବୁ ପଡ଼ା ଗାଁମାନ୍କୁ ଚିହ୍ନଟ୍ କରିକରି ନୂଆଁ ପ୍ରସ୍ତାବ୍ ଦେବାର୍ ଲାଗି ତହସିଲ୍ଦାର୍ଙ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ଏଫ୍ଆଇଏଚ୍ ପ୍ରୋ ଲିଗ୍          ଆର୍ଏନ୍ୟୁ/ ସମ୍ବଲପୁର

ଭୁବନେଶ୍ୱର୍ କଲିଙ୍ଗ ହକି ଷ୍ଟାଡ଼ିୟମ୍ ଠାନେ ଆଏଜ୍ଠାନୁ ଏଫ୍ଆଇଏଚ୍ ପ୍ରୋ ଲିଗ୍ ମୁଲ୍ ହେଉଛେ । ଇ ଲିଗ୍ ଆଏବା ୨୫

ତାରିଖ୍‌ତକ୍ ଚାଲ୍‌ବା । ପୁରୁଷ ଆର୍ ମହିଳା ଦୁହି ବର୍ଗଥି ଭାରତ୍, ଇଂଲଣ୍ଡ, ଜର୍ମାନୀ, ସ୍ପେନ୍, ଆର୍ୟଲେଣ୍ଡ୍ ଆର୍ ନେଦର୍‌ଲେଣ୍ଡ୍‌ର ଦଲ୍ ଭିତ୍‌ରେ ମେଚ୍ ହେବା । ଆଝିର୍ ଉଦ୍‌ଘାଟନୀ ଉତ୍ସବ୍‌ଥି ୩ ଟା ମେଚ୍ ଖେଲାଯିବା ।

ଜାତୀୟ କ୍ରୀଡ଼ା       ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତରାଖଣ୍ଡ ନ ଚାଲିଥିବା ୩୮ ନମ୍ବର୍ ଜାତୀୟ କ୍ରୀଡ଼ା ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଇଥି ଓଡ଼ିଶାକେ ୧୪ ଟା ସ୍ୱର୍ଣ୍ଣ, ୧୫ ଟା ରୌପ୍ୟ ଆର୍ ୧୭ ଟା କାଂସ୍ୟ ସହେତେ ମୋଟ୍ ୪୬ଟା ପଦକ୍ ମିଲିଛେ । ଇତାର୍‌ସହେତେ ରାଜ୍ୟ ପଦକ୍ ତାଲିକାଥି ୧୨ ଠାନ୍‌ଥି ରହିଛେ । ରାଜ୍ୟ ସର୍‌କାର୍ ଦଲ୍‌ର ସ୍ୱର୍ଣ୍ଣ ବିଜେତାଙ୍କର୍ ଲାଗି ୬ ଲାଖ୍ ରୌପ୍ୟ ବିଜେତାଙ୍କର୍ ଲାଗି ୪ ଲାଖ୍ ଆର୍ କାଂସ୍ୟ ବିଜେତାଙ୍କର୍ ଲାଗି ୩ ଲାଖ୍ ଟଙ୍କା ଲେଖା ପୁରସ୍କାର୍ ଘୋଷ୍‌ନା କରିଛନ୍ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ତାତି ବଢୁଛେ । ହେଲେ ରାତିର୍ ତାପମାତ୍ରା ଟିକେ କମିଛେ । ଆଏବା ୩ ଦିନ୍ ଉତ୍ରୁ ସବୁନୁ କମ୍ ତାତି ୨ ନୁ ୩ ଡିଗ୍ରୀତକ୍ ବଢ଼୍ବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଗଲାକାଏଲ୍ ରାଜ୍ୟର୍ ୧୧ ଟା ସହରର ଦିନର୍ ତାପମାତ୍ରା ୩୩ ଡିଗ୍ରୀ ଉପ୍ରେ ରହିଥିଲା । ସେଆଡ଼େ ଆଏବା ୧୯ ତାରିଖ୍ନୁ ରାଜ୍ୟର୍ କେତେଟା ଜାଗା ନ ସାମାଏନ୍ନୁ ମଧ୍ୟମ୍ ଧରଣ୍ର ବର୍ଷାର୍ ସମ୍ଭାବନା ରହିଛେ ବଲି ବିଭାଗ୍ ତର୍ଫୁ କୁହାଯାଇଛେ ।